# REGIONAL NEWS UNIT, AIR CUTTACK

## Mid-day Bulletin (4.00PM)

**15 January – 2025**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ମୁମ୍ବାଇ ନାଭାଲ ଡକୟାର୍ଡରେ ତିନୋଟି ଯୁଦ୍ଧ ଜାହାଜକୁ ଦେଶ ଉଦ୍ଦେଶ୍ୟରେ ସମର୍ପିତ କଲେ ପ୍ରଧାନମନ୍ତ୍ରୀ
- ରାଜ୍ୟରେ ସାମାଜିକ ସୁରକ୍ଷା ଓ ପେନସନ୍ ଯୋଜନାରେ ବର୍ଦ୍ଧିତ ଭତ୍ତାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ମହାପ୍ରଭୁ ଲିଙ୍ଗରାଜଙ୍କ ସେବା ପୂଜା ପାଇଁ ସୃଷ୍ଟ ସମସ୍ୟାର ସମାଧାନ ଦିଗରେ ଜଣିକିଆ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ହେବ କମିଶନ; କହିଲେ ଆଇନମନ୍ତ୍ରୀ

ଏବଂ

- ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାର ପୁରୁଷ ବର୍ଗରେ  ୟୁପି ରୁଦ୍ରସ୍ ଏବଂ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମୁକାବିଲା ହେବାକୁ ଥିବାବେଳେ ମହିଳା ବର୍ଗରେ ଓଡ଼ିଶା ୱାରିୟର୍ସ ଓ ସୁରମା ହକି କ୍ଲବ ପରସ୍ପରକୁ ଭେଟିବେ ।

*Desk*

# ନୌସେନା

ଭାରତୀୟ ନୌସେନାରେ ତିନୋଟି ଯୁଦ୍ଧ ଜାହାଜ ଆଇଏନ୍ଏସ୍ ସୁରତ, ଆଇଏନ୍ଏସ୍- ନୀଳଗିରି ଏବଂ ବୁଡ଼ାଜାହାଜ ଆଇଏନ୍ଏସ୍ ବାଘଶିର ସାମିଲ ହୋଇଛି। ଆଜି ନୌସେନା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁମ୍ବାଇ ନାଭାଲ ଡକୟାର୍ଡରେ ଏହି ତିନୋଟି ଯୁଦ୍ଧ ଜାହାଜକୁ ଦେଶ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି। ନୌସେନା ପାଇଁ ଆଜି ଏକ ଐତିହାସିକ ଦିନ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ତିନୋଟି ଯୁଦ୍ଧ ଜାହାଜ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହୋଇଛି ବୋଲି ପ୍ରକାଶ କରିଛନ୍ତି। ଭାରତ ଏବେ ସାମୁଦ୍ରିକ, ସାମରିକ ଓ ଆର୍ଥିକ କ୍ଷେତ୍ରରେ ମଜଭୁତ ହେଉଛି। ଏଥିସହ ଜଳ, ସ୍ଥଳ, ଆକାଶ, ଗଭୀର ସମୁଦ୍ର, ଅନ୍ତରୀକ୍ଷରେ ଭାରତ ନିଜକୁ ସୁରକ୍ଷିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଏହି ଦିବସ ଅବସରରେ ସେନାଙ୍କ ଅଦମ୍ୟ ସାହସ, ସମର୍ପଣ ଓ ନିଷ୍ଠାପୂର୍ଣ୍ଣ ସେବା ପାଇଁ କୃତଜ୍ଞତା ଜଣାଇଛନ୍ତି।

*Desk*

# ମୁଖ୍ୟମନ୍ତ୍ରୀଙ୍କ ଭତ୍ତା ବୃଦ୍ଧି

ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ଅସହାୟଙ୍କୁ ସମ୍ମାନ ପ୍ରଦାନ କରୁଥିବା ସମାଜ ହିଁ ଆଦର୍ଶ ସମାଜ କୁହାଯାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ  ତାଙ୍କ ତିନିଦିନିଆ କେନ୍ଦୁଝର ଗସ୍ତର ଆଜି ଦ୍ୱିତୀୟ ଦିନରେ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ସାମାଜିକ ସୁରକ୍ଷା ଓ ପେନସନ୍ ଯୋଜନାର ଶୁଭାରମ୍ଭ କରି କହିଛନ୍ତି, ବରିଷ୍ଠମାନେ ହେଲେ ଆମ ଆସ୍ଥା ଓ ବିଶ୍ୱାସର ମନ୍ଦିର। ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନାଗରିକ ଏବଂ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଏହି ଯୋଜନାରେ ସାମାଜିକ ସୁରକ୍ଷା ଭତ୍ତା ବାବଦରେ ମାସିକ ୩ ହଜାର ୫ଶହ ଟଙ୍କା ପାଇବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି...

**- V/O -**

ସରକାରୀ ସୂଚନା ଅନୁସାରେ ରାଜ୍ୟର ୪ଲକ୍ଷ ୭୭ ହଜାର ୪୯୬ ଜଣ ଓ କେନ୍ଦୁଝର ଜିଲ୍ଲାରୁ ୯ ହଜାର ୯୧୩ ଜଣ ହିତାଧିକାରୀ ଏହି ଯୋଜନାର ସୁଫଳ ପାଇବେ । ଅପରାହ୍ନରେ ବଡବିଲ ମହୋତ୍ସବ ରୌପ୍ୟ ଜୟନ୍ତୀ  କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେବେ । ଚଳିତମାସ ୨୮ ଓ ୨୯ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା

ଉତ୍କର୍ଷ ଓଡିଶା ସମ୍ମିଳନୀ କାର୍ଯ୍ୟକ୍ରମରେ କେନ୍ଦୁଝରଠାରେ ଏକ ବୃହତ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ନେଇ ବୁଝାମଣାପତ୍ର ସ୍ୱାକ୍ଷର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Nabarangpur/BHK/Rayagada/DHNKL/Malkangiri***

## ଭତ୍ତା ବଣ୍ଟନ

ଏହି କ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆଜି ବର୍ଦ୍ଧିତ ଭତ୍ତା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।  ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଢେଙ୍କାନାଳ,  ଭଦ୍ରକ ଆଦି ଜିଲ୍ଲାରେ ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନାଗରିକ ଏବଂ ୮୦  ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ମାସିକ ୩ ହଜାର ୫ଶହ ଟଙ୍କା ପାଇବେ ।

***BBSR/R***

## ଲିଙ୍ଗରାଜ ମନ୍ଦିର ସମସ୍ୟା

ମହାପ୍ରଭୁ ଲିଙ୍ଗରାଜଙ୍କ ସେବା ପୂଜା ପାଇଁ ଯେଉଁ ସତ୍ତ୍ୱଲିପି ଅଛି ସେଥିରେ ଆଇନଗତ ସମସ୍ୟା ରହିଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଆଜି ଆଇନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଏହି ସମସ୍ୟାର ସମାଧାନ ପାଇଁ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଜଣିକିଆ କମିଶନ ଗଠନ କରାଯିବ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଏହି

ଜଣିକିଆ କମିଶନ ମନ୍ଦିରର ବିଭିନ୍ନ ନିଯୋଗ ନିକଟରେ ଥିବା ତଥ୍ୟ ସଂଗ୍ରହ କରି ସେବାୟତଙ୍କ ସହ ଆଲୋଚନା କରିବେ। ସେହିପରି ପୂର୍ବରୁ ଦାୟିତ୍ୱରେ ଥିବା ସେବାୟତମାନଙ୍କ କାର୍ଯ୍ୟର  କମିଶନ ତଦାରଖ କରି ଆସନ୍ତା ଦୁଇ ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ। ଏହାକୁ ଆଗାମୀ ଦିନରେ ଦେବୋତ୍ତର ବିଭାଗ ପକ୍ଷରୁ ମନ୍ଦିରର ନୀତିକାନ୍ତିରେ ଲାଗୁ କରାଯିବ। ଫଳରେ ଆଗାମୀ ଦିନରେ ସତ୍ତ୍ୱଲିପିକୁ ନେଇ ସେବାୟତ ଗୋଷ୍ଠୀଙ୍କ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ରହିବ ନାହିଁ। ଏ ନେଇ ଆଇନ ମନ୍ତ୍ରୀ କହିଛନ୍ତି...

**- V/O -**

ଏହି ବୈଠକରେ ଦେବୋତ୍ତର କମିଶନର, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

***Desk***

# ମନ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୯ ତାରିଖ ରବିବାର ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୮ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ

ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

***Koraput***

## ସାଧାରଣତନ୍ତ୍ର ଦିବସ ନିମନ୍ତ୍ରଣ

ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଯୋଗଦେବା ପାଇଁ କୋରାପୁଟ ଜିଲ୍ଲାର ଜୟପୁର ବିକ୍ରମଦେବ ମହାବିଦ୍ୟାଳୟର ତୃତୀୟ ବର୍ଷର ସ୍ନାତକ ଛାତ୍ରୀ ଦେବସ୍ମିତା ବେହିୟାଙ୍କୁ ରାଷ୍ଟ୍ରପତି ଭବନରୁ ନିମନ୍ତ୍ରଣ ମିଳିଛି। ରାଷ୍ଟ୍ରପତିଙ୍କଠାରୁ ନିମନ୍ତ୍ରଣ ମିଳିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି।

***Desk***

## ବନକଲାଗି ନୀତି

ମାଘ କୃଷ୍ଣ ଦ୍ୱିତୀୟା ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିନିମନ୍ତେ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ

କୁହାଯାଇଛି। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ନୀତି ଶେଷ ହେବା ପରେ ବନକଲାଗି ନୀତି ଅନୁଷ୍ଠିତ ହେବ। ଦତ୍ତ ମହାପାତ୍ର ସେବକମାନଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପନ୍ନ କରାଯିବ।

***Puri***

## ପୁଷ୍ୟାଭିଷେକ ନୀତି

ପୁରୀ ଶ୍ରୀନଅରରେ ଆଜି ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହଦେବଙ୍କ ରାଜଅଭିଷେକ ନୀତି ଅନୁଷ୍ଠିତ ହେବ।  ପରମ୍ପରା ଅନୁଯାୟୀ, ପୁଷ୍ୟା ନକ୍ଷତ୍ର ତିଥିରେ ଗଜପତି ମହାରାଜ ସିଂହାସନ ଆରମ୍ଭ କରିବା ସହ ଅଭିଷେକ ନୀତି ଅନୁଷ୍ଠିତ ହୋଇଥାଏ। ଏଥିପାଇଁ ଶ୍ରୀନଅରରେ ଅଭିଷେକ ନୀତି ପୂର୍ବରୁ ବରୁଣ ପୂଜା, ପଞ୍ଚଦେବତା ପୂଜା, ବଡ଼ଧନୀ କଳସୀ ପୂଜା ଏବଂ ରାମାଭିଷେକ ପଚ୍ଛିପୂଜା ଅନୁଷ୍ଠିତ ହେବ।  ରାଜଗୁରୁ ଦେବୀ ପ୍ରସାଦ, ସୁଧାଂଶୁ ରାଜଗୁରୁ ଏହି କାର୍ଯ୍ୟ ସମ୍ପାଦନ କରିବେ। ପରେ ଗଜପତି ଏବଂ ମହାରାଣୀଙ୍କୁ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯିବ। ଏହି ଅବସରରେ ଗଜପତିଙ୍କୁ ପଇତାଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯିବାର ବିଧି ରହିଛି। ସେହିପରି ଗଜପତି ତାଙ୍କର ପାରମ୍ପରିକ ବେଶରେ ଗାଦିକୁ ବିଜେ କରିବା ପରେ ୧୬ ଶାସନ ବ୍ରାହ୍ମଣ ଏବଂ ପଣ୍ଡିତମାନେ ତାଙ୍କୁ ନଡ଼ିଆ ଓ ପଇତା ପ୍ରଦାନ କରିବା ସହିତ ଗଜପତି ଆଶୀର୍ବାଦ କରିବେ।

*BHK*

## ମକର ସଂକ୍ରାନ୍ତି

ଭଦ୍ରକ ସହର ଗାନ୍ଧୀ ପଡ଼ିଆଠାରେ ମକର ସଂକ୍ରାନ୍ତି ଉପଲକ୍ଷେ ଏକ ମିଳନ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଓଡ଼ିଆ ସଂସ୍କୃତିର ମହତ୍ତ୍ୱ ଓ ଏହାର ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଦକ୍ର ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବାଲେଶ୍ୱର ବିଧାୟକ ମାନସ ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ।

*Ganjam*

## ମାରଦା ମହୋତ୍ସବ

ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକରେ ଅନୁଷ୍ଠିତ ମାରଦା ମହୋତ୍ସବକୁ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଉଦ୍‌ଘାଟିତ କରିଛନ୍ତି। ମାରଦା ମନ୍ଦିର ଐତିହ୍ୟ ଜଗନ୍ନାଥ ସଂସ୍କୃତିର ଅନନ୍ୟ ଉଦାହରଣ। ଏହାର ରକ୍ଷଣାବେକ୍ଷଣା ସମସ୍ତଙ୍କ ଦାୟିତ୍ୱ ବୋଲି ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

*Desk*

## ହକି ଇଣ୍ଡିଆ ଲିଗ୍

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଆଜି ୟୁପି ରୁଦ୍ରର୍ସ ଏବଂ ବେଙ୍ଗଲ ଟାଇଗର୍ସ ମଧ୍ୟରେ ସନ୍ଧ୍ୟା ୮ଟା ୧୫ ମିନିଟ୍‌ରେ ମ୍ୟାଚ୍ ଖେଳାଯିବ।

ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ଗତକାଲିର ମ୍ୟାଚରେ ଟିମ୍ ଗୋନାସିକା ୨-୧ ଗୋଲରେ ସୁର୍‌ମା ହକି କ୍ଲବକୁ ପରାସ୍ତ କରିଛି ।

ଅନ୍ୟ ପକ୍ଷରେ ଗତକାଲି ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗ ପ୍ରତିଯୋଗିତାରେ ରାଞ୍ଚିର ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମଠାରେ ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ ୧-୦ଗୋଲରେ ଦିଲ୍ଲୀ ଏସ୍.ଜି. ପାଇପର୍ସକୁ ପରାସ୍ତ କରିଥିଲା । ଆଜି ରାଞ୍ଚିଠାରେ ଓଡ଼ିଶା ୱାରିୟର୍ସ ଓ ସୁରମା ହକି କ୍ଲବ ମଧ୍ୟରେ ମ୍ୟାଚ୍ ଖେଳାଯିବ।

*Desk*

## ପାଣିପାଗ

ରାଜ୍ୟରେ ଆସନ୍ତା ଶୁକ୍ରବାରଠାରୁ ତାପମାତ୍ରା ହ୍ରାସ ପାଇବା ସହ ଶୀତ ବଢ଼ିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସ୍ୱାଭାବିକଠାରୁ ତାପମାତ୍ରା ଦୁଇରୁ ଚାରି ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ଅପରପକ୍ଷେ ଆସନ୍ତାକାଲି ଘନ କୁହୁଡ଼ି ନେଇ ସୁନ୍ଦରଗଡ଼, ନୟାଗଡ଼,

ଖୋର୍ଦ୍ଧା, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ସତର୍କତା ଜାରି କରାଯାଇଛି।

**********************************